## ସଂକ୍ଷେପରେ

### ଏଲ୍ଏଚ୍‌ବି କୋଚ୍ ଯୁକ୍ତ ହେବ ପୁରୀ-ହଟିଆ ଏକ୍ସପ୍ରେସ୍

**ଅନୁଗୋଳ ଅଫିସ,୫।୧:** କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଗୁରୁବାର ସନ୍ଧ୍ୟାରେ ଭୁବନେଶ୍ୱରସ୍ଥିତ ବିଏସ୍ଏନ୍ଏଲ୍ ଭବନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଏଲ୍ଏଚ୍‌ବି କୋଚ୍ ସହିତ ପୁରୀ-ହଟିଆ-ପୁରୀ ତପସ୍ୱିନୀ ଏକ୍ସପ୍ରେସର ଶୁଭାରମ୍ଭ କରିବେ। ଏହି କାର୍ଯ୍ୟକ୍ରମରେ ଢେଙ୍କାନାଳ ରେଳ ଷ୍ଟେଶନରେ ଏମ୍‌ପି ମହେଶ ସାହୁ, ବିଧାୟକ ସୁଧୀର କୁମାର ସାମଲ, ବିଧାୟିକା ସୀମାରାଣୀ ନାୟକ, ତାଳଚେର ରେଳ ଷ୍ଟେଶନରେ ବିଧାୟକ ବ୍ରଜକିଶୋର ପ୍ରଧାନ, ଅନୁଗୋଳ ଷ୍ଟେଶନରେ ବିଧାୟକ ରଜନୀକାନ୍ତ ସିଂହ ଉପସ୍ଥିତ ରହିବେ। ପୂର୍ବତଟ ରେଳୱେ ପକ୍ଷରୁ ଏହାକୁ ନେଇ ବ୍ୟାପକ ବ୍ୟବସ୍ଥା କରାଯାଇଛି।

### ୬ ପଜିଟିଭ ଚିହ୍ନଟ

**ଅନୁଗୋଳ ଅଫିସ,୫।୧:** ଅନୁଗୋଳ ଜିଲାରୁ ବୁଧବାର ୬ଜଣ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହି ଆକ୍ରାନ୍ତଙ୍କ ମଧ୍ୟରେ ଛେଣ୍ଡିପଦା ବ୍ଲକ ଅଞ୍ଚଳରୁ ୩ଜଣ ଓ ବଣ୍ଡରପାଳ ବ୍ଲକ ଅଞ୍ଚଳରୁ ୩ ଜଣ ରହିଛନ୍ତି। ଏହାକୁ ମିଶାଇ ମୋଟ୍ ସଂକ୍ରମିତଙ୍କ ସଂଖ୍ୟା ୪୪ ହଜାର ୫୨୩ରେ ପହଞ୍ଚିଛି। ଲକ୍ଷଣଯୁକ୍ତ ଆକ୍ରାନ୍ତଙ୍କୁ ନିଜ ଘରେ ସଙ୍ଗରୋଧରେ ରଖାଯାଇ ନିରୀକ୍ଷଣ କରାଯାଉଛି ବୋଲି ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପ୍ରକାଶ କରିଛନ୍ତି। ସେହିପରି ଜିଲାରେ ଚାଲିଥିବା ୧୫ ରୁ ୧୮ ବର୍ଷର ପିଲାଙ୍କ ଟିକାକରଣରେ ବୁଧବାର ୨ ହଜାର ୬୩୨ ଜଣ କିଶୋରୀ କିଶୋରଙ୍କୁ ଟିକା ପ୍ରଦାନ କରାଯାଇଛି।

### ପଞ୍ଚାଖମଣ ସେତୁ ଭୂମିପୂଜନ

**କଣିହାଁ,୫।୧(ଡି.ଏନ.ଏ.):** ଅନୁଗୋଳ ଜିଲା କଣିହାଁ-ପଟାଖମଣ ସେତୁ ନିର୍ମାଣ ପାଇଁ ବୁଧବାର ଭୂମିପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଟିକିରା ନଦୀକୂଳରେ ଏହି ସେତୁ ନିର୍ମାଣ ହେବ। ତାଳଚେର ପୂର୍ତ୍ତ ବିଭାଗ ଅଧୀନରେ ଏହି ସେତୁ କାମ ଚାଲିବ। ଜିଲା ଖଣିଜ ପାଣ୍ଠିରୁ ପ୍ରାୟ ୧୭ କୋଟି ଟଙ୍କା ବ୍ୟୟରେ ଏହି ସେତୁ ନିର୍ମାଣ ହେବ। ଭୂମିପୂଜନ ଉତ୍ସବରେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ତାଳଚେର ବିଧାୟକ ବ୍ରଜ କିଶୋର ପ୍ରଧାନ ଅତିଥି ଭାବେ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ କୋଭିଡ୍ କଟକଣା ଉଲ୍ଲଂଘନ ନେଇ ଅଭିଯୋଗ ହୋଇଛି। ବିଡିଓ ନିଶାନ ମିଶ୍ର କାର୍ଯ୍ୟକ୍ରମ ସରକାରୀ ନୁହେଁ ବୋଲି କହି ପ୍ରସଙ୍ଗକୁ ଏଡ଼ାଇ ଦେଇଛନ୍ତି।

### ୧୭୬୧ ଛାତ୍ରୀଛାତ୍ର ଦେଲେ ପରୀକ୍ଷା

**ବଇଣ୍ଡା,୫।୧(ଡି.ଏନ.ଏ.):** ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ବୁଧବାର ଠାରୁ ଦଶମ ଶ୍ରେଣୀ ପିଲାଙ୍କ ସମେଟିଭ୍ ଆସେସ୍‌ମେଣ୍ଟ-୧ ପରୀକ୍ଷା ଆରମ୍ଭ ହୋଇଛି। କିଶୋରନଗର ବ୍ଲକର ୯ଟି ପରୀକ୍ଷା କେନ୍ଦ୍ରରେ ୧୭୬୧ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। କିଶୋରନଗର ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ୨୦୩ ଜଣ, ଅଙ୍ଗପଡା ହାଇସ୍କୁଲରେ ୧୬୫, ବାମୁର ହାଇସ୍କୁଲରେ ୧୮୨, ନାକିଚି ହାଇସ୍କୁଲରେ ୨୧୪, ହଣ୍ଡପା ହାଇସ୍କୁଲରେ ୨୪୩, ପୁଲାମ୍ଧା ହାଇସ୍କୁଲରେ ୨୦୫, ରଣିଆକଟା ହାଇସ୍କୁଲରେ ୧୫୪, ଇଚ୍ଛାପୁର ହାଇସ୍କୁଲରେ ୧୨୦, ବଇଣ୍ଡା ହାଇସ୍କୁଲରେ ୨୭୫ ଜଣ ପରୀକ୍ଷା ଦେଇଛନ୍ତି। ଶୃଙ୍ଖଳାର ସହ ପରୀକ୍ଷା ହୋଇଥିବା ବେଳେ ନୋଡାଲ ଅଫିସର ଭାବେ ସତ୍ୟନାରାୟଣ ମିଶ୍ର, ସୁପ୍ରଭା ସାହୁ ପରିଚାଳନା କରିଥିଲେ।

### ଅବକାରୀ ଚଢ଼ାଉ, ୪ ଗିରଫ

**ବଇଣ୍ଡା,୫।୧(ଡି.ଏନ.ଏ.):** କିଶୋରନଗର ବ୍ଲକ ହଣ୍ଡପା ଥାନା ଅଞ୍ଚଳର ବିଭିନ୍ନ ଗ୍ରାମରେ ବୁଧବାର ବଇଣ୍ଡା ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୮୨ ଲିଟର ଦେଶୀ ମହୁଲି ମଦ ଜବତ କରାଯାଇଛି। ଏଥିସହ ୪ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ହଣ୍ଡପା ଥାନା ଲୁହାମୁଣ୍ଡା ଗ୍ରାମର କୈଳାସ ସେଠୀ, ବଇସିଣା ଗ୍ରାମର ପ୍ରକାଶ ଦେହୁରୀ, କମରେଇ ଗ୍ରାମର ରଘିନାଥ ବେହେରା ଓ ନାକିଚି ଅଞ୍ଚଳର ଏସ୍. ବେହେରା। ସେମାନେ ଚୋରାରେ ମଦ ବିକ୍ରି କରୁଥିବା ଖବରପାଇ ଅବକାରୀ ଅଧିକାରୀ ବଳବୀର ଗଡନାୟକ ଚଢ଼ାଉ କରିଥିଲେ।

### କନ୍ଧପଡା ଧାନମଣ୍ଡି ଉଦ୍‌ଘାଟିତ



**ମାଧପୁର,୫।୧:** ଆଠମଲ୍ଲିକ ବ୍ଲକ କନ୍ଧପଡା ସେବା ସମବାୟ ସମିତିରେ ଚଳିତ ଖରିଫ ଋତୁର ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ସମିତି ସମ୍ପାଦକ ବିନୋଦ ମହାଖୁଡ଼ଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଧାନ ମଣ୍ଡିରେ ସରପଞ୍ଚ ଦିଲୀପ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଆର୍‌ଏମ୍‌ସି କର୍ମଚାରୀ ସଞ୍ଜୟ ପ୍ରଧାନଙ୍କ ସହିତ ଅନ୍ୟ କର୍ମଚାରୀ ଉପସ୍ଥିତ ରହି ଧାନ କିଣାରେ ସହଯୋଗ କରିଥିଲେ। ପ୍ରଥମ ଦିନରେ ୫୬୩ କୁଇଣ୍ଟାଲ ୮ କେଜି ଧାନ ଟୋକାନଧାରୀ ଚାଷୀଙ୍କ ଠାରୁ କିଣା ଯାଇଥିବା ଜଣାପଡିଛି।

# କୋଅର୍ଡିନେଶନ କମିଟିର ବିକ୍ଷୋଭ

**ବଣ୍ଡରପାଳ,୫।୧(ଡି.ଏନ.ଏ.)**

ନାଲ୍‌କୋର ଘରୋଇକରଣ ପ୍ରସ୍ତାବକୁ ବିରୋଧ କରି ନାଲ୍‌କୋ କୋଅର୍ଡିନେଶନ କମିଟି ପକ୍ଷରୁ ବୁଧବାର ସିପିପି ପ୍ଲାଣ୍ଟ ପରିସରରେ ବିକ୍ଷୋଭ କରାଯାଇଛି। ଏଥିରେ ଅଫିସର ଆସୋସିଏଶନର ସମସ୍ତ ଶ୍ରମିକ ସଙ୍ଗଠନ, ଠିକା ଶ୍ରମିକମାନେ ସାମିଲ ହୋଇଥିଲେ। ଏହି ଜାତୀୟ ଉଦ୍ୟୋଗ ଇତିମଧ୍ୟରେ ୪୨ ହଜାର କୋଟି ଟଙ୍କା ଟିକସ ଦେଇ ସାରିଲାଣି। ହେଲେ ଏଭଳି ଏକ ଲାଭଦାୟକ କମ୍ପାନୀକୁ ସରକାର ପୁଞ୍ଜିପତିମାନଙ୍କ ହାତରେ ଟେକି ଦେବାକୁ ଯୋଜନା କରିଥିବାରୁ କମିଟି କର୍ମକର୍ତ୍ତାମାନେ ଘୋର ନିନ୍ଦା କରିଥିଲେ। କମିଟି ଅଧ୍ୟକ୍ଷ ପ୍ରସନ୍ନ କୁମାର ମଲିକଙ୍କ ନେତୃତ୍ୱରେ ଏହି ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା। ଏଥିରେ ନିର୍ମଳ ସାମଲ, ପରେଶ ଚନ୍ଦ୍ର ଜେନା, ବିଭବ ଜେନା, ସୁଜିତ ସେଠ, ବିଦ୍ୟାଧର ସାମଲ, ସନ୍ତୋଷ ମହାରଣା, ମାଙ୍ଗିଲାଲ ସାମଲ, ବୈରାଗୀ ସେଠ, ମନୋଜ ସ୍ୱାଇଁ, ନିର୍ମଳ ଶତପଥୀ, ରତ୍ନାକର ପରିଡ଼ା, ମୁନା ସାମଲ, ମନୋଜ ଅମାନ୍ତ, ଗୋପାଳ ମଲିକ, କେଦାର ନାଥ ଦେହୁରୀ, ପ୍ରଶାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ସିପିପି ପ୍ଲାଣ୍ଟ ପରିସରରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ସ୍କୁଲ ପରିଚାଳନା ପରିଷଦ ବୈଠକ

**ଢେଙ୍କାନାଳ ଅଫିସ, ୫।୧**

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଷଡ଼ଙ୍ଗୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପରିଚାଳନା ପରିଷଦ ବୈଠକ ସଭାପତି ସସ୍ମିତା ପୋଥାଳଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ସମ୍ମିଶ୍ରଣ ପାଣ୍ଠି ସୁବିନିଯୋଗ, ସ୍କୁଲ ସମ୍ମୁଖ ଫାଟକ, କୂଅ ମରାମତି, ବୋରିଂ ମରାମତି,ରଙ୍ଗ ଦେବା, ଫୁଲ ବଗିଚା ସୌନ୍ଦର୍ଯ୍ୟକରଣ ଉପରେ ଆଲୋଚନା ହୋଇଥିଲା। ଶିକ୍ଷାନୁଷ୍ଠାନକୁ ସୁନ୍ଦର କରି ଗଢ଼ି ତୋଳିବାକୁ ପ୍ରଧାନ ଶିକ୍ଷକ ପ୍ରଧାନ ହରିହର ସାହୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ।


ବିଦ୍ୟାଳୟ ପରିଚାଳନା ପରିଷଦ ବୈଠକ।

## ବିଭିନ୍ନ ପ୍ରକଳ୍ପର ଭୂମିପୂଜନ

**ବନ୍ତଳା,୫।୧(ଡି.ଏନ.ଏ.)**

ଅନୁଗୋଳ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ଉନ୍ନୟନ କାର୍ଯ୍ୟର ଭୂମିପୂଜନ କରାଯାଇଛି। ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ ଏହି ଭୂମି ପୂଜନ କରିଛନ୍ତି। ଓଡ଼ିଶା ସରକାରଙ୍କ ୫-ଟି ବିଭାଗ ଅଧୀନରେ ୩ଟି ଉଚ୍ଚ ବିଦ୍ୟାଳୟର ରନ୍ତଲେଇ ଉଚ୍ଚ ବିଦ୍ୟାଳୟ, ନୀଳକଣ୍ଠେଶ୍ୱର ଉଚ୍ଚ ବିଦ୍ୟାଳୟ ଶାବଳଭଙ୍ଗା, ବାଲୁଅକଟା ଓ କଳିଙ୍ଗ ଉଚ୍ଚ ବିଦ୍ୟାଳୟ ନନ୍ଦପୁରର ଉନ୍ନତୀକରଣ ଓ ସମ୍ପ୍ରସାରଣ କାର୍ଯ୍ୟର ଶିଳାନ୍ୟାସ କରାଯାଇଛି। ଏଥିସହିତ ତଳିସିରା-ବଲଙ୍ଗ ରାସ୍ତାର ଉନ୍ନତୀକରଣ ଓ ପ୍ରଶସ୍ତୀକରଣ ଭୂମି ପୂଜନ ଉତ୍ସବ ଅନୁଷ୍ଠିତ ହୋଇଛି। ଶାବଳଭଙ୍ଗା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନୂତନ ଶ୍ରେଣୀ ଗୃହ ଓ ଶାବଳଭଙ୍ଗା ଜଙ୍ଗଲ ମୌଜାରେ ଆମ ଗାଁ ଆମ ବିକାଶ ଯୋଜନାରେ ନୂତନ ଗ୍ରାମ୍ୟ କୋଠଘରର ଉଦ୍‌ଘାଟନ କରାଯାଇଛି। ଅନୁଗୋଳ ବ୍ଲକ ଅଧ୍ୟକ୍ଷ ନିରଞ୍ଜନ ଦେହୁରୀ, ଯୁବନେତା ଅରୁଣାଭ ସିଂହ, ଜିଲା ପରିଷଦ ହାଡ଼ିବନ୍ଧୁ ଦେହୁରୀ, ଭାଗୀରଥି ମାଝି, ଦୁର୍ଯ୍ୟୋଧନ ସାହୁ, ମୋହନ ସାହୁ, ବ୍ଲକ ବିଜେଡି ସଭାପତି ସରୋଜ ନାରାୟଣ ସାହୁ, ପ୍ରକାଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ହତ୍ୟାକାରୀଙ୍କୁ ଆଜୀବନ କାରାଦଣ୍ଡ

**ଆଠମଲ୍ଲିକ,୫।୧(ଡି.ଏନ.ଏ.)**

କିଶୋରନଗର ଥାନା ଅଞ୍ଚଳରେ ଘଟିଥିବା ଏକ ଡବଲ ମର୍ଡର ମାମଲାର ଶୁଣାଣି କରି ବୁଧବାର ଆଠମଲ୍ଲିକ ଅତିରିକ୍ତ ଜିଲା ଦୌରାଜଜ୍ ସଞ୍ଜୀବ ରଞ୍ଜନ ସାମନ୍ତ ଅଭିଯୁକ୍ତ ଦୁଃଖିଶ୍ୟାମ ବଘାରଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ପ୍ରକାଶ ଯେ, କିଶୋରନଗର ଥାନା ରଣିଆକଟା ପଞ୍ଚାୟତ ବରପଦର ଗ୍ରାମର ଦୁଃଖିଶ୍ୟାମ ୨୦୧୮ ଜୁନ୍ ୧୪ ତାରିଖ ରାତି ୯ଟା ସମୟରେ ଘରକୁ ଫେରି କୌଣସି କାରଣରୁ ମା' ଚମ୍ପା ବଘାର ଓ ବାପା କରୁଣା ବଘାରଙ୍କ ସହ ବଚସା କରିଥିଲେ। ପରେ ମା' ଓ ବାପାଙ୍କ ସହ ସ୍ତ୍ରୀ ଟିନା ବଘାରଙ୍କୁ ମଧ୍ୟ ଏକ ହାତୁଡିରେ ଆକ୍ରମଣ କରିଥିଲେ। ସ୍ତ୍ରୀ ଟିନା ଅଳ୍ପକେ ବର୍ତ୍ତି ଯାଇଥିଲେ ହେଁ ମା' ଓ ବାପା ପ୍ରାଣ ହରାଇଥିଲେ। ୧୫ ତାରିଖରେ ସ୍ତ୍ରୀ ଟିନାଙ୍କ ଅଭିଯୋଗ ପାଇ ପୋଲିସ ଅଭିଯୁକ୍ତ ଦୁଃଖିଶ୍ୟାମଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଏହି ମାମଲାର ଶୁଣାଣି କରି ଅତିରିକ୍ତ ଜିଲା ଦୌରାଜଜ୍ ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହ ୫୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟସ୍ଥଳେ ଅଧିକ ୨ବର୍ଷ ଜେଲଦଣ୍ଡ ଭୋଗିବେ ବୋଲି ରାୟ ଶୁଣାଇଛନ୍ତି। ସହକାରୀ ପବ୍ଲିକ ପ୍ରସିକ୍ୟୁଟର ଅସିତ ରଞ୍ଜନ ଦେଓ ମାମଲା ପରିଚାଳନା କରିଥିଲେ ।

## ଏନ୍‌ଟିପିସି କଣିହାଁରେ ପରିବା ବଜାର ଉଦ୍‌ଘାଟିତ



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥିମାନେ।

**ତାଳଚେର,୫।୧(ନି.ପ୍ର.)**

ଏନ୍‌ଟିପିସି ତାଳଚେର କଣିହାଁ ଠାରେ ସ୍ଥାନୀୟ ବିକ୍ରେତାମାନଙ୍କ ପାଇଁ ଏକ ନୂତନ ପନିପରିବା ବଜାର ଉଦ୍‌ଘାଟିତ ହୋଇଯାଇଛି। ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ଏନ୍‌ଟିପିସି କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କେ. ଶ୍ରୀନିବାସ ରାଓ ପ୍ରମୁଖଙ୍କ ଉପସ୍ଥିତିରେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ ଏହି ପରିବା ବଜାରକୁ ଉଦ୍‌ଘାଟନ କରିଥିଲେ। ସଡ଼କ ସୁରକ୍ଷାକୁ ସୁଦୃଢ଼ କରିବା ଏବଂ ବିକ୍ରେତା ଓ ଗ୍ରାହକମାନଙ୍କୁ ଟ୍ରାଫିକ୍ ଜନିତ ଭିଡ଼ରୁ ଦୂରେଇ ରଖିବା ନିମନ୍ତେ ଏହି ପରିବା ବଜାର ନିର୍ମାଣ ଏନ୍‌ଟିପିସିର ସିଏସ୍‌ଆର୍ ପଦକ୍ଷେପ ଅଂଶବିଶେଷ ବୋଲି ଏନ୍‌ଟିପିସି ଇଡି ରାଓ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଏମ୍ (ପ୍ରୋଜେକ୍ଟ) ରାଜେନ୍ଦ୍ର ନାଥ ଦାସ, ଏଜିଏମ୍(ଏଚ୍‌ଆର୍) ପ୍ରେମଚାନ୍ଦ, ୟୁନିୟନ ଏବଂ ଆସୋସିଏଶନ କର୍ମକର୍ତ୍ତା, ସ୍ଥାନୀୟ ଗ୍ରାମର ଲୋକ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ସଂରକ୍ଷଣ ଦାବିରେ ରାସ୍ତାରୋକୋ

**ବଇଣ୍ଡା,୫।୧(ଡି.ଏନ.ଏ.)**

ପଞ୍ଚାୟତ ନିର୍ବାଚନରେ ସଂରକ୍ଷଣ ଦାବିରେ ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଓ କିଶୋରନଗର ବ୍ଲକ ବାମୁରଠାରେ ବୁଧବାର ଗୋଣ୍ଡ ଆଦିବାସୀ ସମାଜ ପକ୍ଷରୁ ରାସ୍ତାରୋକୋ ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସକାଳେ ଆଠମଲ୍ଲିକ ଉପଖଣ୍ଡ ଗୋଣ୍ଡ ସମାଜ ପକ୍ଷରୁ ଠାକୁରଗଡ଼ ଓ ବାମୁର ଠାରେ ରାସ୍ତାରୋକୋ କରାଯାଇଥିଲା। ଜିଲା ସଭାପତି ସଦାଶିବ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରାଘବ ନାୟକ, କୁଶକୁମାର ନାୟକ, ସଞ୍ଜୀବ ପାତ୍ର, ପୂର୍ଣ୍ଣଚନ୍ଦ୍ର ମାଝି, ପୀତାମ୍ବର ନାୟକ, ଚନ୍ଦ୍ରମଣି ନାୟକ, କରୁଣାକର ନାୟକ, ଲକ୍ଷ୍ମୀ ନାୟକ, ଲିଙ୍ଗରାଜ ନାୟକ, ତ୍ରିନାଥ ଦେହୁରୀ ଯୋଗଦେଇ ରାଜ୍ୟ ସରକାର ପଞ୍ଚାୟତ ନିର୍ବାଚନରେ ଅନୁସୂଚିତ ଜନଜାତିଙ୍କ ସଂରକ୍ଷଣକୁ ଅଣଦେଖା କରିଥିବା ଅଭିଯୋଗ କରିଥିଲେ। ଏଥିସହ ତୁରନ୍ତ ଅନୁସୂଚିତ ଜନଜାତିଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା କରିବାକୁ ଦାବି କରିଥିଲେ।


ଠାକୁରଗଡ଼ଠାରେ ରାସ୍ତାରୋକୋ କରାଯାଇଛି।

# ଫୁଲଝରୀ କପ୍: ଠେଲକନାଳି ଟିମ୍ ଚାମ୍ପିୟନ


ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

**ବଇଣ୍ଡା,୫।୧(ଡି.ଏନ.ଏ.)**

କିଶୋରନଗର ବ୍ଲକ ଅଙ୍ଗପଡା ପଞ୍ଚାୟତ ଫୁଲଝରୀ ଗ୍ରାମରେ ମା' ମାହେଶ୍ୱରୀ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଫୁଲଝରୀ କପ୍ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ କତଡା କ୍ରିକେଟ କ୍ଲବକୁ ହରାଇ ଠେଲକନାଳି କ୍ରିକେଟ କ୍ଲବ ଚାମ୍ପିୟନ ହୋଇଛି। ପ୍ରଥମେ କତଡା ବ୍ୟାଟିଂ କରି ୬୮ ରନ ସଂଗ୍ରହ କରିଥିଲା। ଜବାବରେ ଠେଲକନାଳି ୬୯ ରନ କରି ଚାମ୍ପିୟନ ହୋଇଥିଲା। ଏକଲ ପ୍ରଧାନ, ଅତିଲ ମିର୍ଦ୍ଧା ଖେଳ ପରିଚାଳନା କରିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ଯୁବ ବିଜେଡି ଉପସଭାପତି ଜିତେନ୍ଦ୍ର କୁମାର ସାହୁ ଯୋଗଦେଇ ଉଭୟ ଦଳକୁ ପୁରସ୍କାର ବଣ୍ଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଜଗବନ୍ଧୁ ନାୟକ, ପ୍ରକାଶ ଚନ୍ଦ୍ର ନାୟକ, ପ୍ରମୋଦ କୁମାର ନାୟକ ପ୍ରମୁଖ ଯୋଗଦେଇଥିଲେ।

## ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ

**ତାଳଚେର,୫।୧(ନି.ପ୍ର.)**

ତାଳଚେର ବ୍ଲକ କଣ୍ଟାଳ ପଞ୍ଚାୟତ ତାଳବେଡା ଗ୍ରାମର ଭୂମିହୀନ ଅସହାୟ ପରିବାରକୁ ଘର ଡିହ ପଟ୍ଟା ପ୍ରଦାନ ଦାବି ନେଇ ସରପଞ୍ଚ ଓ ଭୂମିହୀନଙ୍କ ପକ୍ଷରୁ ତହସିଲଦାର ମନ୍ମଥ ନାୟକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସେଥିରେ ଉଲ୍ଲେଖ କରାଯାଇଛି, ତାଳବେଡା ଜାତୀୟ ରାଜପଥ ପାଖରେ ଥିବା ସରକାରୀ ଜାଗାରେ ୧୦୦ ପରିବାର ବସତି ସ୍ଥାପନ କରିଛନ୍ତି। କିନ୍ତୁ ଆଜି ପର୍ଯ୍ୟନ୍ତ ସେମାନଙ୍କୁ ଭୂମି ହୀନ ଭାବେ ଜାଗା ମିଳିନାହିଁ। ଜାତୀୟ ରାଜପଥ ସମ୍ପ୍ରସାରଣ ପାଇଁ ଉକ୍ତ ଜାଗା ନିଆଗଲେ ବସ୍ତିବାସିନ୍ଦାଙ୍କ ଘର ଚାଲିଯିବ। ଏହାକୁ ଗୁରୁତ୍ୱର ସହ ବିଚାର କରି ବସ୍ତିବାସିନ୍ଦାଙ୍କ ପାଇଁ ଯଥାଶୀଘ୍ର ପଞ୍ଚାୟତରେ ଥିବା ସରକାରୀ ଜମିକୁ ଘର ଡିହ ଆକାରରେ ପଟ୍ଟା ପ୍ରଦାନ କରାଯିବାକୁ ଦାବି କରାଯାଇଛି। ସରପଞ୍ଚ ଧରିତ୍ରୀ ମହାପାତ୍ର, ମଦନ ମୋହନ ମହାପାତ୍ର, ସଞ୍ଜୟ ଲେଙ୍କାଙ୍କ ସମେତ ଭୂମି ହୀନ ପରିବାରର ମହିଳା ପୁରୁଷମାନେ ଉପସ୍ଥିତ ଥିଲେ।


ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ଲୁହା ଆଙ୍ଗେଲ ଚୋରି, ୨ ଗିରଫ

**ଛେଣ୍ଡିପଦା,୫।୧(ସ୍ୱ.ପ୍ର)**

ଅନୁଗୋଳ ଜିଲା ନିଶା ଶିଳ୍ପାଞ୍ଚଳ ଥାନାର ଏକ ପରିତ୍ୟକ୍ତ ଚାଉଳ କଳରୁ ଲୁହା ଆଙ୍ଗେଲ ଚୋରି ଅଭିଯୋଗରେ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ପରଙ୍ଗ ଗ୍ରାମର ଅନୀଲ ସାହୁ ଓ ଗୋପବନ୍ଧୁ ଭୋଇ। ପୋଲିସ ସୂତ୍ରରୁ ପ୍ରକାଶ, ମଙ୍ଗଳବାର ରାତିରେ ପାଟ୍ରୋଲିଂ କରୁଥିବା ପୋଲିସ ମଝିକା ଟ୍ରେନ ଲାଇନ ଓଭରବ୍ରିଜ୍ ନିକଟରେ ଥିବା ଏକ ପରିତ୍ୟକ୍ତ ଚାଉଳ କଳରୁ ଲୁହା ଆଙ୍ଗେଲ କାଟି ନିଆଯାଉଥିବା ବେଳେ ଅଭିଯୁକ୍ତଙ୍କୁ ଧରିଥିଲା। ଏ ନେଇ ନଂ ୨/୨୨ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ବିଜ୍ଞାନାଗାର ଉଦ୍‌ଘାଟିତ

**କଣିହାଁ,୫।୧(ଡି.ଏନ୍.ଏ.)**

କଣିହାଁ ବ୍ଲକ ରେଙ୍ଗାଳି ଓ କୁଲୁମା ପଞ୍ଚାୟତରେ ଢେଙ୍କାନାଳ ଏମ୍‌ପି ମହେଶ ସାହୁଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏମ୍‌ପି ସାହୁ ପ୍ରଥମେ କୁଲୁମା ଜଗମୋହନ +୨ ମହାବିଦ୍ୟାଳୟର ବିଜ୍ଞାନାଗାର ଉଦ୍‌ଘାଟନ କରିଥିଲେ। ଅଧ୍ୟକ୍ଷ ଦିଗାମ୍ବର ବିଶ୍ୱାଳ ଏଥିରେ ପୌରୋହିତ୍ୟ କରିଥିଲେ। ପରେ କୁଲୁମା ସ୍ୱାସ୍ଥ୍ୟକେନ୍ଦ୍ର କଂକ୍ରିଟ ରାସ୍ତାର ଶିଳାନ୍ୟାସ ଓ ଓଳନ୍ଦା ଗ୍ରାମରେ ପାନୀୟଜଳ ପ୍ରକଳ୍ପର ଉଦ୍‌ଘାଟନ କରିଥିଲେ। ସରପଞ୍ଚ ନିଶାକର ବିଶ୍ୱାଳଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମଧ୍ୟାହ୍ନରେ ଏମ୍‌ପି ରେଙ୍ଗାଳି ଠାରେ ପବିତ୍ରମୋହନ ସ୍ମାରକୀ ସ୍ନାତକ ମହାବିଦ୍ୟାଳୟ ପାଚେରି ଓ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ନିକଟରେ ପାର୍କ ନିର୍ମାଣ ପାଇଁ ଶିଳାନ୍ୟାସ କରିଥିଲେ। +୩ ମହାବିଦ୍ୟାଳୟଠାରେ ଥଣ୍ଡା ପାନୀୟଜଳ ପ୍ରକଳ୍ପର ଉଦ୍‌ଘାଟନ କରିଥିଲେ। ଅଧ୍ୟକ୍ଷ ହେମନ୍ତ କୁମାର ଦିହୁଡ଼ିଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟାପିକା ଅଧ୍ୟାପକ ଓ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ସୁନୀଲ ପ୍ରଧାନ, ବିଜେଡି ମିଡିଆସେଲ ସଂଯୋଜକ ନିର୍ମଳ ସାହୁ, ଗଦାଧର ସାହୁ, ନିଶାକର ପ୍ରଧାନ, ହେମନ୍ତ ପ୍ରଧାନ, ସୁରେଶ ଚନ୍ଦ୍ର ଧଳ, ବାବୁଲା ଶତପଥୀ, ଗୌତମ ସାହୁ, କୁଳମଣି ବେହେରା ପ୍ରମୁଖ ଯୋଗ ଦେଇଥିଲେ।

## ୫୦ ୟୁନିଟ୍ ରକ୍ତ ସଂଗ୍ରହ



**ବଇଣ୍ଡା,୫।୧(ଡି.ଏନ.ଏ.)**

କିଶୋରନଗର ବ୍ଲକ ଜାମୁନାଳୀ ପଞ୍ଚାୟତ ନିକଟସ୍ଥ କ୍ଲବ ଗୃହ ଠାରେ ଜାତୀୟ ଯୁବକ ସଂଘ ପକ୍ଷରୁ ବୁଧବାର ଏକ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ସ୍ୱୟଂମ୍ବର ପ୍ରଧାନ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ କ୍ଲବ ସଭାପତି ସୁଦାମ କୁମାର ସାହୁ, ସମ୍ପାଦକ ମାଧବ ସାହୁ, ସନ୍ତୋଷ କୁମାର ପ୍ରଧାନ ଯୋଗ ଦେଇଥିଲେ। ଅନୁଗୋଳ ରକ୍ତ ଭଣ୍ଡାରର ଡାକ୍ତର ସତ୍ୟବ୍ରତ ପାଟଯୋଶୀ ରକ୍ତଦାତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଶିବିରରେ ମୋଟ୍ ୫୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ପଞ୍ଜାବରେ ରାଷ୍ଟ୍ରପତି ଶାସନ ଦାବି

**ଅନୁଗୋଳ ଅଫିସ,୫।୧**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପଞ୍ଜାବ ଗସ୍ତ କାର୍ଯ୍ୟକ୍ରମ ବେଳେ ସହଯୋଗ କରା ନ ଯିବା ଏବଂ ପ୍ରଧାନମନ୍ତ୍ରୀଙ୍କ କାର୍ ରାସ୍ତା ଉପରେ ଦୀର୍ଘ ସମୟ ଅଟକି ରହିବା ଘଟଣାକୁ ଅନୁଗୋଳ ଭାଜପା ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି। ଏଥିସହ ପଞ୍ଜାବରେ ରାଷ୍ଟ୍ରପତି ଶାସନ ଲାଗୁ କରିବାକୁ ଦଳ ପକ୍ଷରୁ ଦାବି କରାଯାଇଛି। ଜିଲା ସଭାପତି ଦିଲେଶ୍ୱର ପ୍ରଧାନ, ବରିଷ୍ଠ ନେତା ରୁଦ୍ରନାରାୟଣ ପାଣି, ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ମହାନ୍ତି, ପ୍ରତାପ ଚନ୍ଦ୍ର ପ୍ରଧାନ, ଓ ଅଗସ୍ତି ବେହେରା, ସାଧାରଣ ସମ୍ପାଦକ ପ୍ରକାଶ ମହାରଣା, ସୁଦୀପ ଗଡନାୟକ, ଜିଲା ମହିଳା ମୋର୍ଚ୍ଚା ସଭନେତ୍ରୀ ବସନ୍ତ ମଞ୍ଜରୀ ପ୍ରଧାନ ପ୍ରମୁଖ ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ଏହି ଦାବି କରିଛନ୍ତି।

# 'ପକ୍ଷୀମାନଙ୍କ ସଂରକ୍ଷଣ ଅପରିହାର୍ଯ୍ୟ'

**ଅନୁଗୋଳ ଅଫିସ,୫।୧**

ପକ୍ଷୀମାନଙ୍କ ଆବାସସ୍ଥଳୀ ନଷ୍ଟ କରାଯାଉଛି। ଶୁଦ୍ଧ ଖାଦ୍ୟ ଓ ପାନୀୟର ଘୋର ଅଭାବ ଯୋଗୁ ବିଭିନ୍ନ ବିରଳ ପକ୍ଷୀ ବିଲୁପ୍ତ ହେଉଛନ୍ତି। ଜାତୀୟ ପକ୍ଷୀ ଦିବସ ପାଳନ ଅବସରରେ ଅନୁଗୋଳ ବ୍ଲକ ଗୁରଙ୍ଗ ଡ୍ୟାମ୍‌ଠାରେ ଆୟୋଜିତ ଏକ ସଚେତନତା କାର୍ଯ୍ୟକ୍ରମରେ ଉଦବେଗ ପ୍ରକାଶ ପାଇଛି। ପ୍ରକୃତି ପରିବେଶ ଓ ବନ୍ୟଜୀବନ ସମିତି ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବନ ସୁରକ୍ଷା ସମିତିର ସଭ୍ୟାସଭ୍ୟ ଓ ଛାତ୍ରୀଛାତ୍ରମାନେ ଅଂଶ ଗ୍ରହଣ କରିଥିଲେ। ସମିତି ସଂଯୋଜକ ସୁବ୍ରତ କୁମାର ପ୍ରଧାନଙ୍କ ପରିଚାଳନାରେ କାର୍ଯ୍ୟକ୍ରମରେ ବନ୍ୟପ୍ରାଣୀ ବିଶେଷଜ୍ଞ ପ୍ରସନ୍ନ କୁମାର ବେହେରା , ସହକାରୀ ଶିକ୍ଷକ ତରଣିସେନ ସାହୁ ଏବଂ ବଡକେରା ଜୈବ ବିବିଧତା ପରିଚାଳନା ସମିତି ଅଧ୍ୟକ୍ଷ ତଥା ଅବସରପ୍ରାପ୍ତ ଶିକ୍ଷକ ମୁରଲୀଧର ବେହେରା ଅତିଥି ଭାବେ ଯୋଗ ଦେଇଥିଲେ। ଜଙ୍ଗଲ, କୃଷିକ୍ଷେତ୍ର, ପ୍ରାକୃତିକ ଓ କୃତ୍ରିମ ଜଳାଶୟ ପକ୍ଷୀମାନଙ୍କ ମୁଖ୍ୟ ଆବାସସ୍ଥଳୀ। ତେଣୁ ପକ୍ଷୀମାନଙ୍କୁ ଚିହ୍ନଟ, ସେମାନଙ୍କ ବ୍ୟବହାରକୁ ଭଲ ଭାବେ ଅନୁଧ୍ୟାନ କରିବା ଏବଂ ରହିଥିବା ବିପଦକୁ ପ୍ରତିରୋଧ କରିବା ଉପରେ ଆଲୋଚନା କରାଯାଇଥିଲା। ପକ୍ଷୀ ଶିକାରକୁ ବାରଣ ସହିତ ଜଳାଶୟଗୁଡିକରେ ବିଷ ପ୍ରୟୋଗ ଓ କୃଷି କ୍ଷେତ୍ରରେ କୀଟନାଶକ ହ୍ରାସ କରିବା ନିମନ୍ତେ ଆଲୋଚନା କରାଯାଇଥିଲା। ସମିତି ପକ୍ଷରୁ ବିକାଶ ଅଧିକାରୀ ଯଶୋବନ୍ତ ସାହୁ ଏବଂ ଭିଏସ୍‌ଏସ୍‌ର ଅରୁଣ ନାଏକ, ସନ୍ତୋଷ ନାଏକ, ବିଶ୍ୱନାଥ ନାଏକ ପ୍ରମୁଖ ଆୟୋଜନରେ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

